# ବୈଜ୍ଞାନିକ ପ୍ରଣାଳୀରେ
# ପିଆଜ ଚାଷ



କୃଷିବିଜ୍ଞାନ କେନ୍ଦ୍ର, ଦେବଗଡ଼
ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ

# ବୈଜ୍ଞାନିକ ପ୍ରଣାଳୀରେ

# ପିଆଜ ଚାଷ


ବିଷୟବସ୍ତୁ

ସାଧନା ସ୍ୱସ୍ତିକା
ବୈଜ୍ଞାନିକ (ଉଦ୍ୟାନକୃଷି)

ଲବ ସୋରେନ୍
ବୈଜ୍ଞାନିକ, (ଶସ୍ୟ ସଂରକ୍ଷଣ)

ଚିନ୍ମୟ ମିଶ୍ର
କାର୍ଯ୍ୟକ୍ରମ ସହାୟକ (ମୃତ୍ତିକା ବିଜ୍ଞାନ)

ସବ୍ୟସାଚୀ ସାହୁ
ବୈଜ୍ଞାନିକ (କ୍ଷେତ୍ର ବିଜ୍ଞାନ)

ସଂପାଦନା

ଡଃ. ସୁଜିତ୍ କୁମାର ନାଥ
ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ



କୃଷି ବିଜ୍ଞାନ କେନ୍ଦ୍ର, ପୁରୁଣାଗଡ଼, ଦେବଗଡ଼

**KRISHI VIGYAN KENDRA, DEOGARH**

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ

**ODISHA UNIVERSITY OF AGRICULTURE & TECHNOLOGY**

# ବୈଜ୍ଞାନିକ ପ୍ରଣାଳୀରେ ପିଆଜ ଚାଷ

*ଲେଖକ :*

ସାଧନା ସ୍ୱସ୍ତିକା
ବୈଜ୍ଞାନିକ, ଉଦ୍ୟାନକୃଷି
ଲବ ସୋରେନ୍
ବୈଜ୍ଞାନିକ, ସଶ୍ୟ ସଂରକ୍ଷଣ
ଚିନ୍ମୟ ମିଶ୍ର
କାର୍ଯ୍ୟକ୍ରମ ସହାୟକ (ମୃତ୍ତିକା ବିଜ୍ଞାନ)
ସବ୍ୟସାଚୀ ସାହୁ
ବୈଜ୍ଞାନିକ, କ୍ଷେତ୍ରବିଜ୍ଞାନ

*ସଂପାଦନା :*

ଡ. ସୁଜିତ୍ କୁମାର ନାଥ
ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ
କୃଷିବିଜ୍ଞାନ କେନ୍ଦ୍ର, ଦେବଗଡ଼

*ପ୍ରକାଶକ :*

କୃଷି ବିଜ୍ଞାନ କେନ୍ଦ୍ର
ପୁରୁଣାଗଡ଼, ଦେବଗଡ଼-୭୬୮୧୧୯
ଫୋନ୍: ୦୬୬୪୧-୨୨୬୧୨୨

*ପ୍ରଥମ ପ୍ରକାଶ:*

ଜାନୁୟାରୀ,୨୦୨୧

*ମୁଦ୍ରଣ :*

ଅଙ୍କିତା ଗ୍ରାଫିକ୍ସ, ଭୁବନେଶ୍ୱର,
ଫୋନ୍ ୯୪୩୭୦୭୭୩୩୭

## Scientific Practices for Onion Cultivation

**By**

**Sadhana Swatika**
Scientist (Horticulture)
**Laba Soren**
Scientist (Plantprotection)
**Chinmaya Mishra**
PA (Soil Science)
**Sabyasachi Sahu**
Scientist (Agronomy)

**Editor :**
**Dr. Sujit Kumar Nath**
Sr. Scientist and Head
KVK, Deogarh

**Published by :**
Krishi Vigyan Kendra, Deogarh
kvkdeogarh.ouat@gmail.com

**First Publication:**
January, 2021

**Printed by :**
**Ankita Graphics**, Bhubaneswar.
saroj77337@gmail.com
Ph : 9437077337




# ପିଆଜ ଚାଷ

ପିଆଜ ଏକ ଲାଭଦାୟକ ଅର୍ଥକରୀ ଫସଲ । ଆମ ଦେଶରେ ଚାରିଆଡ଼େ ପିଆଜର ଆଦର ରହିଅଛି । ସାରା ଭାରତରେ ପ୍ରାୟ ପ୍ରତ୍ୟେକ ପ୍ରଦେଶରେ ପିଆଜ ଚାଷ କରାଯାଇଥାଏ । ପିଆଜ ଚାଷ ଭାରତରେ ମୁଖ୍ୟତଃ ମହାରାଷ୍ଟ୍ର, ଆନ୍ଧ୍ରପ୍ରଦେଶ, ଓଡ଼ିଶା ଏବଂ ଅନ୍ୟାନ୍ୟ ପ୍ରଦେଶରେ ଚାଷ ହୋଇଥାଏ । ଆମର ନିତିଦିନିଆ ଖାଦ୍ୟରେ ପିଆଜର ଆବଶ୍ୟକତା ଖୁବ୍ ବେଶୀ । ତରକାରୀ, ଭଜା, ସାଲାଡ଼, ଚଟଣୀ ପ୍ରଭୃତି ବିଭିନ୍ନ ପ୍ରକାରର ଖାଦ୍ୟ ପ୍ରସ୍ତୁତରେ ପିଆଜ ବ୍ୟବହୃତ ହୁଏ । ପିଆଜ ସହିତ ଲୁଣ ମିଶାଇ ଖାଇଲେ ପେଟମରା ରୋଗ ଭଲ ହୋଇଯିବ ବୋଲି ବିଶେଷଜ୍ଞମାନେ କହିଥାନ୍ତି । ଅନେକ ସ୍ଥାନରେ ମୁଣ୍ଡବିନ୍ଧା, ମୂର୍ଚ୍ଛା ପ୍ରଭୃତି ରୋଗରେ ମଧ୍ୟ ପିଆଜ ରସ ବ୍ୟବହାର କରାଯାଇଥାଏ । ପିଆଜରେ ପ୍ରାୟ ଶତକଡ଼ା ୮୭ଭାଗ ପାଣି ଥାଏ । ଏହା ବ୍ୟତୀତ ଫସ୍‌ଫରସ୍, ଭିଟାମିନ୍ ଏ, ବି, ସି, ପ୍ରୋଟିନ୍ ବା ପୁଷ୍ଟିସାର, ବିଭିନ୍ନ ପ୍ରକାରର ଧାତବ ଲବଣ ରହିଥାଏ । ଦେଶୀ ପିଆଜରେ ସାଧାରଣତଃ ଅଧିକ ଖାଦ୍ୟସାର ଥିବାର ଜଣାଯାଇଅଛି ।

ଭାରତରେ ପିଆଜ ଚାଷ କରାଯାଉଥିବା ମୋଟ ଜମିର ଶତକଡ଼ା ୨୦ଭାଗ ମହାରାଷ୍ଟ୍ରରେ ଅବସ୍ଥିତ ଏବଂ ମୋଟ ଉତ୍ପାଦନର ୩୦ଭାଗ ଏହି ରାଜ୍ୟରୁ ମିଳିଥାଏ । ଭାରତବର୍ଷ ନିଜର ଆଭ୍ୟନ୍ତରୀଣ ଚାହିଦା ମେଣ୍ଟାଇ ସାରିବା ପରେ ଅନେକ ପରିମାଣର ପିଆଜ ବିଦେଶକୁ ରପ୍ତାନୀ କରି ଆଖିଦୃଶିଆ ବୈଦେଶିକ ମୁଦ୍ରା ରୋଜଗାର କରିଥାଏ । ପୃଥିବୀରେ ହାରାହାରି ପିଆଜ ଅମଳ ହେକ୍ଟର ପ୍ରତି ୧୪.୩ ଟନ୍ ଥିବାବେଳେ ଭାରତରେ ୧୨ଟନ୍ ଏବଂ ଓଡ଼ିଶାରେ ୭ଟନ୍ ଅମଳ ମିଳିଥାଏ । ଏହି ପରିପ୍ରେକ୍ଷୀରେ ସାଧାରଣଭାବେ ଭାରତବର୍ଷରେ, ବିଶେଷକରି ଓଡ଼ିଶାରେ ପିଆଜ ଅମଳ ବଢ଼ାଇବା ପାଇଁ ପର୍ଯ୍ୟାପ୍ତ ସୁଯୋଗ ରହିଅଛ ।

ଓଡ଼ିଶାର ସବୁ ଅଞ୍ଚଳରେ ଅଳ୍ପେବହୁତେ ପିଆଜ ଚାଷ କରାଯାଉଥିଲେ ମଧ୍ୟ ପଶ୍ଚିମ ଓଡ଼ିଶାର ଅଧିକାଂଶ ଚାଷୀ ପିଆଜ ଫସଲକୁ ବର୍ଷାଦିନିଆ ଧାନଚାଷ ପରେ ବ୍ୟବସାୟିକ ଭିତ୍ତିରେ କରିଥାନ୍ତି । କିନ୍ତୁ ଦୁଃଖର ବିଷୟ ଅଧିକାଂଶ କ୍ଷେତ୍ରରେ ଚାଷୀମାନଙ୍କର ବୈଜ୍ଞାନିକ ଦୃଷ୍ଟିଭଙ୍ଗୀର ଅଭାବ ହେତୁ ଆଶାନୁରୂପ ଅମଳ ମିଳି ନଥାଏ । ପିଆଜ ଫସଲକୁ ବ୍ୟବସାୟିକ ଭିତ୍ତିରେ ଚାଷ କରିବା ପାଇଁ ହେଲେ ଚାଷୀମାନଙ୍କୁ କେତୋଟି ଦିଗପ୍ରତି ବିଶେଷ ଦୃଷ୍ଟି ଦେବାକୁ ପଡ଼ିବ ।

## କିସମ:

ବ୍ୟବସାୟିକଭିତ୍ତିରେ ଚାଷ କରାଯାଉଥିବା କିସମଗୁଡ଼ିକ ସାଧାରଣତଃ ତିନୋଟି ରଙ୍ଗରେ ଉପଲବ୍ଧ ହୋଇଥାଏ । ଯଥା ନାଲି, ଧଳା ଏବଂ ହଳଦିଆ । ହଳଦିଆ କିସମଗୁଡ଼ିକର ଚାହିଦା ବଜାରରେ ବିଶେଷ ନଥାଏ ।

**ନାଲି ପିଆଜ:** ନାସିକ ରେଡ୍, ପୁନା ରେଡ୍, ବେଲାରି ରେଡ୍, ପୁଷାରେଡ୍, ପାଟଣା ରେଡ୍, ପୁଷା ତରନାର, ପୁଷା ମାଧବୀ, ଅର୍କ କଲ୍ୟାଣ, ଅର୍କ ନିକେତନ, ଅର୍କ ପ୍ରଗତି, ଏଗ୍ରି ଫାଉଣ୍ଡ ଲାଇଟ୍ ରେଡ୍, ଏଗ୍ରି ଫାଉଣ୍ଡ ଡାର୍କ ରେଡ୍, ପଞ୍ଜାବ ରେଡ୍ ରାଉଣ୍ଡ, ପଞ୍ଜାବ ସିଲେକ୍ସନ୍, କଲ୍ୟାଣପୁର ରେଡ୍ ରାଉଣ୍ଡ, ଏନ୍-୫୩ ଇତ୍ୟାଦି ।

**ଧଳା ପିଆଜ:** ପୁଷା ହ୍ୱାଇଟ୍ ରାଉଣ୍ଡ, ପୁଷା ହ୍ୱାଇଟ୍ ଫ୍ଲାଟ୍, ବମ୍ବେ ହ୍ୱାଇଟ୍, ପାଟନା ହ୍ୱାଇଟ୍, ହ୍ୱାଇଟ୍ ଗ୍ଲୋବ୍ ଇତ୍ୟାଦି ।

**ହଳଦିଆ ପିଆଜ:** ଅର୍କ ପିତାମ୍ବର, ଅର୍ଲିଗ୍ରାନୋ, ସୁଇଟ୍ ସ୍ପାନିସ୍ ଇତ୍ୟାଦି ।

**ସଙ୍କର କିସମ:** ଆର୍କା ଲାଲିମା, ଆର୍କା କୀର୍ତ୍ତିମାନ ।

ବର୍ଷାଦିନିଆ ଚାଷପାଇଁ ଉଦ୍ଦିଷ୍ଟ ଉନ୍ନତ କିସମ: ଆର୍କା କଲ୍ୟାଣ, ଆର୍କା ନିକେତନ, ଆର୍କା ପ୍ରଗତି, ଏଗ୍ରିଫାଉଣ୍ଡ ଡାର୍କ ରେଡ୍, ଏନ୍-୫୩, ଏନ୍-୪୦୦, ଏନ୍-୪୯୧ ଇତ୍ୟାଦି ।

ଛୋଟ ବା ଦେଶୀ ପିଆଜ କିସମ: ସି.ଓ-୧, ସି.ଓ-୩, ସି.ଓ-୨, ସି.ଓ-୪, ଆର୍କା ବିନ୍ଦୁ ଇତ୍ୟାଦି ।

## ଜଳବାୟୁ:

ପିଆଜ ସାଧାରଣତଃ ଏକ ଶୀତଦିନିଆ ଫସଲ । ଅତ୍ୟଧିକ ଥଣ୍ଡା, ଗରମ କିମ୍ବା ବର୍ଷା ପିଆଜ ଫସଲ ପାଇଁ ଅନୁକୂଳ ମନେହୁଏନାହିଁ । ତେଣୁ ଯେଉଁ ସବୁ କିସମ ଅଳ୍ପ-ବେଶୀ ଖରାଦ୍ୱାରା ପ୍ରଭାବିତ ହୁଏନାହିଁ, ସେପରି କିସମ ଚାଷ କରିବା ଉଚିତ୍ । ଛୋଟ ଏବଂ କଅଁଳିଆ ପିଆଜ ଗଛଗୁଡ଼ିକ ତଳିଘରାରେ ୨୦-୨୫ ଡିଗ୍ରୀ ସେଲ୍‌ସିୟସ ଉତ୍ତାପ ମଧ୍ୟରେ ଭଲ ବଢ଼ିଥାଆନ୍ତି । ପିଆଜ ତଳିଗୁଡ଼ିକୁ ମୂଳ ଜମିରେ ରୋଇବା ପରେ ଗଛଗୁଡ଼ିକର ଆଶାନୁରୁପକ ବୃଦ୍ଧିପାଇଁ ୧୫-୨୧ ଡିଗ୍ରୀ ସେଲସିୟସ୍ ଉତ୍ତାପର ଆବଶ୍ୟକତା ପଡ଼ିଥାଏ ଏବଂ ୨୦-୨୫ଡିଗ୍ରୀ ସେଲସିୟସ୍ ଉତ୍ତାପ ପିଆଜ ବାନ୍ଧିବାରେ ସହାୟକ ହୋଇଥାଏ । ପିଆଜଗୁଡ଼ିକ ଭଲଭାବରେ ପାକଳ ହେବାପାଇଁ ୨୫-୩୦ ଡିଗ୍ରୀ ସେଲସିୟସ୍ ଉତ୍ତାପ ଅନୁକୂଳ ମନେହୁଏ ।

## ମୃତ୍ତିକା:

ଯଦିଓ ସବୁ ପ୍ରକାର ଜମିରେ ପିଆଜ ଚାଷ କରାଯାଇପାରେ, ତଥାପି ଦୋରସା ପଟୁମାଟିରେ ଏହା ଭଲ ହୁଏ । ବ୍ୟବସାୟିକ ଭିତ୍ତିରେ ପିଆଜ ଚାଷ ପାଇଁ ଉର୍ବର, ନିଗିଡ଼ା, ବାଲିଆ, ଦୋରସା, ମଟାଳ ଓ ପଟୁମାଟି ବିଶେଷ ଭାବରେ ଉପଯୋଗୀ । ଚିକିଟା, ଲୁଣି, କ୍ଷାରୀ ଏବଂ ସନ୍ତସନ୍ତିଆ ଜମିରେ ପିଆଜ ଭଲ ହୁଏନାହିଁ । ଭଲ ଅମଳ ଏବଂ ଉନ୍ନତ ମାନର ପିଆଜ ପାଇବା ପାଇଁ ମାଟି ଥଣ୍ଡା ରହିବା ନିହାତି ଆବଶ୍ୟକ । ପିଆଜ ଚାଷ ପାଇଁ ମାଟିର ଅମ୍ଳତା ୫.୮ରୁ ୬.୫ ମଧ୍ୟରେ ରହିବା ଆବଶ୍ୟକ ।

## ଲଗାଇବା ସମୟ:

ସାଧାରଣତଃ ଶୀତଦିନିଆ ପିଆଜ ନଭେମ୍ବରରୁ ଡିସେମ୍ବର ମାସରେ ଲଗାଯାଏ ଓ ଫେବୃୟାରୀର ଏପ୍ରିଲ୍ ମାସ ମଧ୍ୟରେ ଅମଳ କରାଯାଏ । ଖରିଫ ପିଆଜ ପାଇଁ ଜୁଲାଇ-ଅଗଷ୍ଟ ମାସ ମଧ୍ୟରେ ଲଗାଯାଇ ଅକ୍ଟୋବର-ନଭେମ୍ବର ମାସ ମଧ୍ୟରେ ଅମଳ କରାଯାଇଥାଏ । ବିଳମ୍ବ ଖରିଫ ପିଆଜ ପାଇଁ ଅଗଷ୍ଟ ଓ ସେପ୍ଟେମ୍ବର ମାସରେ ଜମିରେ ଲଗାଯାଏ ।

## ବିହନ ପରିମାଣ ଓ ବିଶୋଧନ:

ଦେଶୀ ପିଆଜର କୋଳା ଓ ପିଆଜର ମଞ୍ଜିରୁ ତଳି କରି ରଖାଯାଇଥାଏ । ଶୀତଦିନିଆ ପିଆଜ ଚାଷ ପାଇଁ ହେକ୍ଟର ପ୍ରତି ୮-୧୦ କିଗ୍ରା ଓ ବର୍ଷା ଦିନିଆ ପିଆଜ ଚାଷ ପାଇଁ ୧୨.୫ କିଗ୍ରା ମଞ୍ଜି ଆବଶ୍ୟକ ହୁଏ । ଦେଶୀ ପିଆଜ ଚାଷ ପାଇଁ ୧୦୦୦-୧୨୦୦ କିଗ୍ରା ପିଆଜ କୋଳା ହେକ୍ଟର ପିଛା ଦରକାର ହୋଇଥାଏ । ମଞ୍ଜି ବୁଣିବା ପୂର୍ବରୁ ପ୍ରତି କିଗ୍ରା ବିହନକୁ ୩ ଗ୍ରାମ୍ ଥିରାମ ବା କ୍ୟାପଟାନ୍ କିମ୍ବା ଭିଟାଭାକ୍ସ ପାଓ୍ୱାର ଗୁଣ୍ଡ ଗୋଳାଇ ବିଶୋଧନ କରାଯିବା ସହିତ ମଞ୍ଜି ଲଗାଇବାର ୧୫-୨୦ ଦିନ ପୂର୍ବରୁ ଟ୍ରାଇକୋଡ୍ରମା ଭିରିଡେ କବକ ଦ୍ୱାରା ସେହି ମାଟିକୁ ଉପଚାରିତ କଲେ ମୂଳସଢ଼ା ରୋଗ କମ୍ ହୋଇଥାଏ ।

## ଚାରା ପ୍ରସ୍ତୁତ କରିବାର ପଦ୍ଧତି:

ସାଧାରଣତଃ ବର୍ଷାଦିନିଆ ପିଆଜ ପାଇଁ ମଇ-ଜୁନ୍ ମାସରେ ଓ ଶୀତଦିନିଆ ପିଆଜ ପାଇଁ ସେପ୍ଟେମ୍ବର-ଅକ୍ଟୋବର ମାସରେ ତଳି ପକାଯାଏ । ଏକ ଏକର ଜମିରେ ପିଆଜ ଲଗାଇବା ପାଇଁ ପ୍ରାୟ ୪ କିଲୋଗ୍ରାମ୍ ମଞ୍ଜି ଆବଶ୍ୟକ ହୁଏ । ତଳି ପକାଇବା ସ୍ଥାନକୁ ଭଲଭାବରେ ଚାଷ କରି ୧୦ ଫୁଟ୍ ଲମ୍ବ ଓ ୩ ଫୁଟ୍ ଚଉଡ଼ାରେ ପଟି ତିଆରି କରନ୍ତୁ । ଦୁଇଟି ପଟି ଭିତରେ ପ୍ରାୟ ଦେଢ଼ଫୁଟ୍ ବ୍ୟବଧାନ ରଖନ୍ତୁ । ଗୋଟିଏ ଏକର ଜମି ପାଇଁ ଏହି ଆକାରର ୧୦ଟି ପଟି ତଳି

ଆବଶ୍ୟକ ହୋଇଥାଏ । ମଞ୍ଜି ବୁଣିବା ପୂର୍ବରୁ ପଟିରେ ଖତ ଭଲଭାବରେ ମାଟିରେ ମିଶାଇ ଦିଅନ୍ତୁ । ବର୍ତ୍ତମାନ ପିଆଜ ମଞ୍ଜିକୁ ଧାଡ଼ିଧାଡ଼ି କରି ଏହି ପଟିରେ ବୁଣି ଖତ ଓ ମାଟି ଘୋଡ଼ାଇ ଦିଅନ୍ତୁ । ତା'ପରେ ମାଟିର ପାଗ ଦେଖି ଝରାରେ ପାଣି ଦିଅନ୍ତୁ । ନଡ଼ା ବା ପାଳ ଦ୍ୱାରା ତଳିଘରାକୁ ଢାଙ୍କି ଝରା ସାହାଯ୍ୟରେ ପାଣି ଦିଆଯାଏ । ମଞ୍ଜି ଗଜା ହେବାପରେ ନଡ଼ା ବା ପାଳକୁ ଧୀରେଧୀରେ ବାହାର କରାଯାଏ । ପ୍ରତି ୧୫ ଦିନରେ ଥରେ ୨ଗ୍ରାମ୍ ମାଙ୍କୋଜେବ୍ ବା ରିଡୋମିଲ୍ ଏକ ଲିଟର ପାଣିରେ ମିଶାଇ ତଳିଘରାକୁ ଭିଜାଇ ଦିଆଯାଏ । ବର୍ଷାଦିନ ପିଆଜ ପାଇଁ ତଳିଘରା ଜରି ଘର ଭିତରେ ପ୍ରସ୍ତୁତ କରନ୍ତୁ, ନଚେତ୍ ବର୍ଷାଦ୍ୱାରା ତଳି ପଚି ଯିବାର ସମ୍ଭାବନା ଥାଏ । ତଳିଘରାରୁ ଘାସ ନଷ୍ଟ କରିବା ପାଇଁ ପେଣ୍ଡିମେଥାଲିନ୍ ୩୦% ଇପି ଏକର ପିଛା ୧୨୦୦ ମିଲି ୨୦୦ ଲିଟର ଜଳରେ ମଞ୍ଜି ବୁଣିବାର ତିନିଦିନ ଭିତରେ ପ୍ରୟୋଗ କଲେ ଘାସ ଉତ୍ତମ ଭାବେ ନିୟନ୍ତ୍ରଣ ହୋଇଥାଏ । ତଳିଘରା ଗୁଡ଼ିକର ମାଟିକୁ ପ୍ରତି ୧୫ ଦିନରେ ଥରେ ୨୦ଗ୍ରାମ୍ ରିଡୋମିଲ୍ +୧.୫ ଗ୍ରାମ୍ ଷ୍ଟ୍ରେପ୍ଟୋସାଇକ୍ଲିନ୍ ପ୍ରତି ୧୦ ପାଣିରେ ମିଶାଇ ଭିଜାଇ ଦିଅନ୍ତୁ । ଏହା ଫଳରେ ତଳିଘରାରେ ଘରାକଟା ରୋଗ ହୁଏନାହିଁ । ତଳିଘରାରେ ଆବଶ୍ୟକତାକୁ ଚାହିଁ ଜଳସେଚନର ବ୍ୟବସ୍ଥା କରନ୍ତୁ । ସାଧାରଣତଃ ବର୍ଷାଦିନିଆ ପିଆଜଚାଷ ପାଇଁ ବୈଶାଖ-ଜ୍ୟେଷ୍ଠ ମାସରେ ଏବଂ ଶୀତ ଦିନିଆ ଫସଲ ପାଇଁ ଆଶ୍ୱିନ-କାର୍ତ୍ତିକ ମାସରେ ତଳି ପକାଯାଏ ।

## ଜମି ପ୍ରସ୍ତୁତି:

ଜମିକୁ ୨-୩ ଓଡ଼ ଚାଷକରି ମାଟି ଗୁଣ୍ଡ କରାଯାଏ । ୨ ମିଟର ଓସାରରେ ଛୋଟଛୋଟ ପଟାଳି କିର ଜମିକୁ ସମତୁଲ କରାଯାଏ । ପ୍ରତି ହେକ୍ଟର ପିଛା ୩୦ ଟନ୍ ହିସାବରେ ଗୋବର ଖତ ଭଲଭାବରେ ମାଟି ସହିତ ମିଶାଯାଏ । ରୋଇବାର ଗୋଟିଏ ଦିନ ପୂର୍ବରୁ ପ୍ରତି ହେକ୍ଟର



ପିଛା ୨୦୦ କିଗ୍ରା କ୍ୟାଲସିୟମ ଆମୋନିୟମ ନାଇଟ୍ରେଟ୍ ଅଥବା ୧୦୦ କିଗ୍ରା ୟୁରିଆ, ୩୦୦ କିଗ୍ରା ସିଙ୍ଗଲ ସୁପର ଫସ୍‌ଫେଟ୍ ଓ ୧୦୦ କିଗ୍ରା ମ୍ୟୁରିଏଟ୍ ଅଫ ପଟାସ୍ ମାଟିରେ ମିଶାଇବା ଉଚିତ୍ । କିନ୍ତୁ ମୃତ୍ତିକା ପରୀକ୍ଷା କରି ସାର ପ୍ରୟୋଗ କରିବା ଜରୁରୀ ।

## ତଳି ରୋଇବା:

ପିଆଜକୁ ରୋଇବା ଆବଶ୍ୟକ । ତଳି ପ୍ରାୟ ୫୦-୬୦ ଦିନର ହୋଇଗଲା ପରେ ରୋଇବା ପାଇଁ ଉପଯୁକ୍ତ ହୋଇଥାଏ । ପିଆଜ ରୋଇବା ପାଇଁ ଜମିକୁ ଭଲଭାବରେ ଚାଷକରି ମାଟିକୁ ଗୁଣ୍ଡ କରିଦିଅନ୍ତୁ । ଏକର ପିଛା ୧୫-୨୦ଗାଡ଼ି ଭଲ ଗୋବର ଖତ ଦିଅନ୍ତୁ । ଏହା ସହିତ ପିଆଜ ପାଇଁ ଏକର ପିଛା ୨୪ କିଗ୍ରା ଯବକ୍ଷାରଜାନ, ୨୫ କିଲୋଗ୍ରାମ୍ ଫସ୍‌ଫରସ୍,



୨୦ କିଗ୍ରା ପଟାସ୍‌କୁ ମୂଳ ସାର ହିସାବରେ ପ୍ରୟୋଗ କରିବାକୁ ହେବ । ପିଆଜ ଲଗାଇବାର ତିନି ସପ୍ତାହ ଓ ୬ ସପ୍ତାହ ପରେ ଏକର ପ୍ରତି ୧୨ କିଲୋଗ୍ରାମ ଯବକ୍ଷାରଜାନ, ୧୫-୨୦ କିଗ୍ରା ସଲ୍‌ଫର ସହ ୪ କିଗ୍ରା ଜିଙ୍କ୍ ପ୍ରୟୋଗ କରନ୍ତୁ । ଛ'ଅ ସପ୍ତାହ ପରେ ଏକର ପ୍ରତି ୨୦ କିଗ୍ରା ପଟାସ୍ ପ୍ରୟୋଗ କରିବା ଉଚିତ୍ । ଧାଡ଼ିକୁ ଧାଡ଼ି ୬ଇଞ୍ଚ୍ ଓ ଗଛକୁ ଗଛ ୩ ଇଞ୍ଚ ବ୍ୟବଧାନରେ ତଳି ରୁଅନ୍ତୁ । ରୁଆ ସରିବା ପରେ ହାଲ୍‌କା ଭାବରେ ପାଣି ଦିଅନ୍ତୁ ଅଥବା ପୂର୍ବରୁ ପାଣି ଦେଇ ମାଟିକୁ ପାଗ କରି ତଳି ରୁଅନ୍ତୁ ।

## କୋଡ଼ାଖୁସା:

ପିଆଜ ଚେର ମାଟିର ଅଳ୍ପ ଗଭୀରକୁ ଯାଉଥିବାରୁ ଜମିରୁ ଘାସ ଇତ୍ୟାଦି ବାଛି ଦେବା ଉଚିତ୍ । କୋଡ଼ାଖୁସା ଦ୍ୱାରା ଗଛର ଚେର ଯେପରି ନ ଛିଣ୍ଡେ ସେଥିପ୍ରତି ଦୃଷ୍ଟିଦେବା ଉଚିତ୍ ।

## ଘାସ ପରିଚାଳନା:

ଅନାବନା ଘାସ ପିଆଜ ଫସଲର ପ୍ରଧାନ ଶତ୍ରୁ । ପିଆଜ ଗଛର ଖାଦ୍ୟ ସଂଗ୍ରହକାରୀ ଚେରଗୁଡ଼ିକ ସାଧାରଣତଃ ଭାବେ ମାଟିର ଉପରିଭାଗରେ ଥାଏ । ତେଣୁ ତଳି ରୋଇବା ପରବର୍ତ୍ତୀ



ତିନି ଦିନ ପୂର୍ବରୁ ହେକ୍ଟର ପ୍ରତି ୧ ଲିଟର ବାସାଲିନ୍ ୮୦୦ ଲିଟର ପାଣିରେ ମିଶାଇ ପ୍ରୟୋଗ କରନ୍ତୁ ଓ ତଳି ଲଗାଇବାର ୪୫ ଦିନ ପରେ କୋଡ଼ାଖୁସା କରି ଘାସ ବାଛି ଦିଅନ୍ତୁ କିମ୍ବା ତଳି ରୋଇବାର ୩ ଦିନ ପରେ ହେକ୍ଟର ପ୍ରତି ୩.୫ ଲିଟର ଷ୍ଟମ୍ପ ବା ୧.୫ ଲିଟର ଟ୍ରିବୁନିଲ୍ ବା ୨.୫ ଲିଟର ଲାସୋ ୮୦୦ ଲିଟର ପାଣିରେ ମିଶାଇ ପ୍ରୟୋଗ କରନ୍ତୁ । ବର୍ଷାଦିନରେ ହେକ୍ଟର ପ୍ରତି ୬ଲିଟର ନାଇଟ୍ରୋଫେନ୍ ତଳି ରୋଇବାର ଏକ ସପ୍ତାହ ଭିତରେ ପ୍ରୟୋଗ କରି ୪୫ ଦିନ ପରେ କୋଡ଼ାଖୁସା କଲେ ଭଲ ଫଳ ମିଳେ ।

ଶଣ୍ଢା ବାହାରିବା ପିଆଜ ଫସଲର ଏକ ସମସ୍ୟା । ସେପ୍ଟେମ୍ବର-ଅକ୍ଟୋବର ମାସରେ ତଳି ରୋଇଲେ ଅଧିକ ଶଣ୍ଢା ବାହାରି ଥାଏ । ରୋଇବାର ୬୦ ଦିନ ପରେ ଶଣ୍ଢା ବାହାରିବା ଆରମ୍ଭ ହୁଏ । ଶଣ୍ଢା ବାହାରିଲେ ଯଥାଶୀଘ୍ର କାଟି ଦିଅନ୍ତୁ । ଶଣ୍ଢା ନବାହାରିବା ପାଇଁ ପ୍ରତି ଲିଟର ପାଣିରେ ୫ଗ୍ରାମ୍ ମାଲିକ୍ ହାଇଡ୍ରାଜାଇଡ଼୍ ମିଶାଇ ରୋଇବାର ୭୫ ଦିନ ପରେ ପ୍ରୟୋଗ କରନ୍ତୁ ।

## ଜଳସେଚନ:

ତଳି ଲଗାଇବା ପରେପରେ ଜମିରେ ପାଣି ଦେବା ଆବଶ୍ୟକ ହୋଇଥାଏ । ପରବର୍ତ୍ତୀ ଅବସ୍ଥାରେ ମାଟିର ଜଳଧାରଣ କ୍ଷମତାକୁ ବିଚାରକୁ ନେଇ ଜଳ ସେଚନର ବ୍ୟବସ୍ଥା କରିବାକୁ ପଡ଼ିଥାଏ । ଶୀତଦିନିଆ ପିଆଜ ଫସଲ ପାଇଁ ସାଧାରଣଭାବେ ୧୫-୧୮ଟି ଜଳସେଚନ ଦରକାର

ପଡ଼ିଥାଏ । ବର୍ଷା ଦିନିଆ ଫସଲ ପାଇଁ ପାଗଦେଖି ଜମିରେ ପାଣି ମଡ଼ାଇବାକୁ ପଡ଼ିଥାଏ । ପିଆଜ ଗଛ ଗୁଡ଼ିକର ଖାଦ୍ୟ ସଂଗ୍ରହକାରୀ ଚେରଗୁଡ଼ିକ ମାଟିର ଉପରିଭାଗରେ ରହୁଥିବାରୁ ଜମି ସର୍ବଦା ଓଦା ରଖିବା ଆବଶ୍ୟକ ମାତ୍ର ଜମିରେ ପାଣି ଜମି ରହିବା ଅନୁଚିତ୍ । ଗଛ ବଢ଼ିବା ସମୟରେ ଅଧିକ ବ୍ୟବଧାନରେ କମ୍ ଥର ଏବଂ ଫୁଲିବା ସମୟରେ କମ୍ ବ୍ୟବଧାନରେ ଅଧିକ ଥର (ଲଗାଇବାର ୬୦-୧୧୦ ଦିନ ପର୍ଯ୍ୟନ୍ତ) ପାଣି ମଡ଼ାଇବା ଆବଶ୍ୟକ । ପିଆଜ ଫୁଲିବା ସମୟରେ ପାଣିର ଅଭାବ ହେଲେ ଅମଳ ହ୍ରାସ ପାଇଥାଏ ଏବଂ ପିଆଜ ଗୁଡ଼ିକ ମଧ୍



ଫାଟିଯାଏ । ଏହି ଫସଲରେ ଅଧିକ ପାଣି ମଡ଼ାଇଲେ ମୋଟା ବା ଲମ୍ବା ବେକ ପିଆଜ ଏବଂ ଅନିୟମିତ ପାଣି ମଡ଼ାଇଲେ ଦୁଇଟିକିଆ ପିଆଜର ପରିମାର ଅଧିକ ହୋଇଥାଏ । ପିଆଜ ପାକଳ ହୋଇ ପତ୍ର ହଳଦିଆ ପଡ଼ି ଆସିବାର ୧୫-୨୦ ଦିନ ପୂର୍ବରୁ ପାଣି ମଡ଼ାଇବା ବନ୍ଦ କରି ଦିଅନ୍ତୁ ।

## ରୋଗ ଓ ପୋକ:

### ଉକୁଣିଆ ପୋକ (Thrips)

ପିଆଜରେ ଉକୁଣିଆ ପୋକ ଲାଗିବା ଦ୍ୱାରା ପତ୍ରରୁ ରସ ଶୋଷି ନେଇଥାନ୍ତି, ଫଳରେ ପତ୍ର ହଳଦିଆ ପଡ଼ିଯାଏ ଏବଂ ମୋଟା ହୋଇଯାଏ । ମାଘ ମାସ ଠାରୁ ପିଆଜ ଫସଲରେ ଉକୁଣିଆ ପୋକ ଅଧିକ ମାତ୍ରାରେ ଦେଖାଯାଆନ୍ତି । ଏହି ପୋକ ମାଟିରେ ରହୁଥିବାରୁ ମାଟିକୁ ନିୟମିତ କୋଡ଼ା ଖୁସା କରି ପାଣି ମଡ଼ାଇଲେ ଏହାର ପାଦୁର୍ଭାବ କମିଯାଏ । ଲଗାଇବାର ୧୦



ଦିନ ପରେ ହେକ୍ଟର ପ୍ରତି ୨୫ କିଗ୍ରା କାର୍ବୋଫୁରାନ୍ ଦାନାଦାର ଔଷଧ ମାଟିରେ ପ୍ରୟୋଗ କରନ୍ତୁ । ୬୦ ଦିନ ପରେ ଥାୟୋମେଥୋକ୍ସାମ୍ (୦.୬ ଗ୍ରାମ୍) ପ୍ରତି ଲିଟର ପାଣିରେ ମିଶାଇ ୧୫ ଦିନ ଅନ୍ତରରେ ୩-୪ ଥର ସିଞ୍ଚନ କରନ୍ତୁ ।

## ବାଦାମୀ ବ୍ଲଚ୍ (Purple blotch)

ଏହି ରୋଗ ପିଆଜରେ ସାଧାରଣତଃ ଫେବୃୟାରୀ ମାସ ଠାରୁ ବେଶୀ ଦେଖାଯାଏ । ତେଣୁ ରୋଗାକ୍ରାନ୍ତ ଗଛର ଅଗ୍ରଭାଗକୁ ଛିଣ୍ଡାଇ ଦେବା ଭଲ । ଉକୁଣିଆ ପୋକ ଲାଗିଲେ ଏହି ରୋଗ ବେଶୀ ଦେଖାଯାଏ । ଏହି ରୋଗର ନିୟନ୍ତ୍ରଣ ପାଇଁ ପ୍ରତି ଲିଟର ପାଣିରେ ୨ ଗ୍ରାମ୍ ସିକ୍ସର ୬୦ ଦିନ ପରେ ପ୍ରତି ୧୫ ଦିନ ଅନ୍ତରରେ ୩-୪ ଥର ସିଞ୍ଚନ କରନ୍ତୁ ଏବଂ ରୋଗାକ୍ରାନ୍ତ ଗଛର ଅଗ୍ରଭାଗରୁ ଛିଣ୍ଡାଇବା ପରେ ପ୍ରତି ଲିଟର ପାଣିରେ ୨ ଗ୍ରାମ୍ ଇଣ୍ଡୋଫଲିଏମ୍-୪୫ ମିଶାଇ ୬୦ ଦିନ ପରେ ପ୍ରତି ୧୫ ଦିନ





ଅନ୍ତରରେ ୩-୪ ଥର ସିଞ୍ଚନ କରାଗଲେ ଏହି ରୋଗ ନିୟନ୍ତ୍ରଣ ହୋଇଥାଏ । ଔଷଧ ସିଞ୍ଚନ କରିବାବେଳେ ପ୍ରତି ଲିଟର ପାଣିରେ ୧ ମି.ଲି. ଇଜି ସର୍ଫ ମିଶାଇ ସିଞ୍ଚନ କଲେ ଔଷଧ ପତ୍ରରେ ଲାଗି ରହିଥାଏ ଏବଂ ଭଲ କାମ ଦିଏ । ପିଆଜ ଖୋଳିବାର ୧୦ ଦିନ ପୂର୍ବରୁ ଔଷଧ ସିଞ୍ଚନ ବନ୍ଦ କରିଦେବା ଆବଶ୍ୟକ ।

## ଅମଳ ଓ ସାଇତିବା ପ୍ରଣାଳୀ:

ପିଆଜ ଫସଲକୁ କିସମ ଅନୁଯାୟୀ ଲଗାଇବାର ୪-୫ ମାସ ମଧ୍ୟରେ ଅମଳ କରାଯାଇଥାଏ । ପିଆଜ ଗଛ ସଂପୂର୍ଣ୍ଣ ଶୁଖିଯିବା ପୂର୍ବରୁ ଫସଲର ଶତକଡ଼ା ୬୦-୭୦ଭାଗ ପତ୍ର ହଳଦିଆ ହୋଇ ଝୁଲି ପଡ଼ିଲେ ପିଆଜ ଅମଳ କରାଯାଇଥାଏ । ଶୁଖିଲା ପାଗ ଦେଖି ପିଆଜ ଅମଳ କରନ୍ତୁ । ବେକ ଉପରୁ ୨.୫ରୁ ୩.୦୦ ସେ.ମି. ରଖି ଅଗ ଓ ସମୁଦାୟ ଚେର କାଟି ଦିଅନ୍ତୁ । ପିଆଜକୁ ଭଲଭାବରେ ଶୁଖାଇ ରଖିଲେ ଅନେକ ଦିନ ପର୍ଯ୍ୟନ୍ତ ସାଇତି ରଖି



ହୁଏ । ଭଲ ପବନ ବାଜୁଥିବା ସିମେଣ୍ଟ ଚଟାଣ କୋଠାରୀ ଗୁଡ଼ିକରେ ପିଆଜକୁ ଶୁଖାଇ ମଝିରେ ମଝିରେ ଓଲଟପାଲଟ କଲେ ପିଆଜ ଶୀଘ୍ର ଶୁଖିଯାଏ । ପିଆଜ ଭଲଭାବେ ଶୁଖିଗଲେ ତା’ର ଅଗ୍ରଭାଗ ସରୁ ହୋଇଯାଏ ଏବଂ ଅନେକ ଦିନ ପର୍ଯ୍ୟନ୍ତ ସାଇତି ରଖିହୁଏ ।



ଭଲଭାବରେ ଶୁଖିଥିବା ପିଆଜକୁ ବାଭିଷ୍ଟିନ୍ (ପ୍ରତି ଲିଟର ପାଣିରେ ୧ଗ୍ରାମ୍) ସିଞ୍ଚନ କରି ଶୀତଳ ଭଣ୍ଡାରରେ ୦-୧.୫ ଡିଗ୍ରୀ ସେଲ୍‌ସିୟସ ତାପମାତ୍ରା ଓ ୬୦ଭାଗ ଆପେକ୍ଷିକ ଆର୍ଦ୍ରତାରେ ରଖିଲେ ପିଆଜ ଗଜା ନହୋଇ ଅନେକ ଦିନ ରହିଥାଏ । ଶୀତଦିନିଆ ପିଆଜ ଫସଲ ହେକ୍ଟର ପ୍ରତି ୨୫୦-୪୫୦ କ୍ୱିଣ୍ଟାଲ ଏବଂ ଦେଶୀ ପିଆଜ ୧୦୦-୧୨୦ କ୍ୱିଣ୍ଟାଲ ପର୍ଯ୍ୟନ୍ତ ଅମଳ ଦେଇଥାଏ । ବର୍ଷା ଦିନିଆ ଫସଲରୁ ସାଧାରଣତଃ କମ୍ ଅମଳ ମିଳିଥାଏ ।





Printed at: ankitagraphics, Bhubaneswar
email: saroj77337@gmail.com, Ph. 9437077337